## ସଂକ୍ଷେପରେ

### ୪ଜଣଙ୍କ ନାମାଙ୍କନ ଦାଖଲ

ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା): ପାରଳାଖେମୁଣ୍ଡିରେ ୨୦୨୪ ନାମାଙ୍କନ ପ୍ରକ୍ରିୟା ଷଷ୍ଠ ଦିନରେ ୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମୋହନା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ପ୍ରଶାନ୍ତ ମାଲିକ ଓ ବିଜେଡି ପ୍ରାର୍ଥୀ ଅନ୍ତର୍ଯାମୀ ଗମାଙ୍ଗ ନିଜ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଗତକାଲି ଶକ୍ତି ପ୍ରଦର୍ଶନ କରିଥିଲେ। ବୁଧବାର ସେ ଆସି ନାମାଙ୍କନ ଦାଖଲ କରିଛନ୍ତି । ଅନ୍ୟଜଣେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ମୁରଲୀ କ୍ରିଷ୍ଣା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋହନା ବିଜେଡି ପ୍ରାର୍ଥୀ ନିଜ ସମର୍ଥକଙ୍କୁ ନେଇ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରଠାରୁ ବିରାଟ ପଟୁଆରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

### ବିଜେଡିର ମିଶିଲେ ୩୦୦ରୁ ଊର୍ଦ୍ଧ୍ୱ

ଚକାପାଦ,୨୪।୪

(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଶଙ୍କରାଖୋଲ ଶାଳବଣଠାରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ଯୋଗଦେଇଥିଲେ । ଏହି ଅବସରରେ ନେତା କିଶୋର ଛୋଟରାୟ ଏବଂ ରାକେଶ ଦିଗାଳଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟିକା ପ୍ରାର୍ଥୀ ଜୟଶ୍ରୀ କହଁର କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଜିତାଇ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେବା ସହ ବିଜେଡି ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ବ୍ଲକ ସଭାପତି ରାଜେଶ ଦିଗାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବାର୍‌ହା ଆକ୍ରମଣରେ ମହିଳା ମୃତ

ବାଲିଗୁଡା,୨୪।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଆଡିମାହା ପଞ୍ଚାୟତ ଗଡିପଦର ଗ୍ରାମର କବିତା ମଲ୍ଲିକଙ୍କ ବାର୍‌ହା ଆକ୍ରମଣରେ ମୃତ୍ୟୁ ଘଟିଛି। କବିତା ମଙ୍ଗଳବାର ଅପରାହ୍ନରେ ଶୌଚ ପାଇଁ ଗାଁ ନିକଟ ନାଳକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ବାରହା ଜଙ୍ଗଲ ଭିତରୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ କବିତାଙ୍କ ଶରୀରର ଅନେକ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ପରେ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ଗଞ୍ଜେଇ ଜବତ ୬ ଗିରଫ

ଖଜୁରିପଡ଼ା ୨୪।୪ ( ବିଦୁର ବେହେରା)

ଖଜୁରିପଡ଼ା ପୋଲିସ ବୁଧବାର ବେଆଇନ ଚାଲାଣ ହେଉଥିବା ୩୦ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତକୁ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ଶଶିକଳା ଦିଗାଲ, ଜୟନ୍ତୀ ଦିଗାଲ, ଶ୍ୟାମ ସୁନ୍ଦର ଦିଗାଲ, ତପନ କୁମାର ଦିଗାଲ, ଲଳିତା ଦିଗାଲ, ରୁଦିନି ଦିଗାଲ। ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଗାଡିଆପଡା ଘାଟିରେ ଦିଲଦାର ଗାଡ଼ିକୁ ପୋଲିସ ତନଖି କରିଥିଲା। ସେଥିରେ ଥିବା ଗଞ୍ଜେଇ ଜବତ କରିବା ସହିତ ନଂ. ୫୮/୨୪ ମାମଲା ରୁଜୁ କରିଛି।

# ପୁରୁଷୋତ୍ତମପୁରରେ କାଳବୈଶାଖୀର ତାଣ୍ଡବ

ପୁରୁଷୋତ୍ତମପୁର,୨୪।୪(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରରେ ବୁଧବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ କରିଛି। ମାତ୍ର ୧୦ ମିନିଟ ମଧ୍ୟରେ ସହରକୁ ଛିନ୍ନଛତ୍ର କରିପକାଇଛି। ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ ପୋଲଗୁଡ଼ିକ ପଡି ରାସ୍ତା ଅବରୋଧ ଘଟିଥିବା ବେଳେ ରଥ ସାହିଛକ, କଲେଜ ଛକ, କାଳୀମନ୍ଦିର ଛକ ସମେତ ବିଭିନ୍ନ ସ୍ଥାନରେ ଥିବା ଦୋକାନର ଟିଣ ଛପର ଉଡ଼ିଯାଇଛି। ଫଳରେ ବର୍ଷା ପାଣି ପଶି ଦୋକାନର ଜିନିଷପତ୍ରମାନ ନଷ୍ଟ ହୋଇଯାଇଛି। ଏହାସହ ବଡକଥା ହେଲା ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ଚାରିକୋଟି ଟଙ୍କାରେ ନିର୍ମିତ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେବାର ଏକ ମାସ ମଧ୍ୟରେ ତାହା ଭାଙ୍ଗିଯାଇଛି। ଗତ ମାର୍ଚ୍ଚ ୧୩ ତାରିଖରେ ଏହାକୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ମାତ୍ର ଏହାର କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ହେତୁ ତାହାର ଏଭଳି ଅବସ୍ଥା ଘଟିଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ମାତ୍ର ଏହାକୁ ଘୋଡାଇବା ଲାଗି ପ୍ରଶାସନ ତରବରିଆ ଭାବରେ ମୁଖ୍ୟଗେଟକୁ ଚାବି ପକାଇ ଦେଇଛନ୍ତି। ଏପରି ସ୍ଥିତିରେ ଘଟଣାସ୍ଥଳରେ ଉପସ୍ଥିତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମଳୟ କୁମାର ସାହୁ ଷ୍ଟାଡିୟମର ଭାଙ୍ଗିରୁଜିଯାଇଥିବା ଫଟୋ ଓ ଭିଡିଓ ଉତ୍ତୋଳନ କରିବା ବେଳେ ନିଜର ଦୁର୍ନୀତିର ଘଟଣା ପଦାରେ ପଡିଯିବା ଭୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ରୂପେ ବାରଣ କରି ଗେଟ ଚାବିକୁ ପକାଇଦେଇ ଖୋଲିନଥିଲେ। ଏହାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ସେହିପରି କାଳୀ ମନ୍ଦିର ଛକଠାରେ ଶହେଫୁଟ ଉଚ୍ଚତାରେ ନିର୍ମିତ ଜାତୀୟ ପତାକା ଖୁଣ୍ଟ ରାସ୍ତା ଉପରେ ଓଲଟି ପଡିଥିବା ହେତୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

**ନିର୍ମାଣର ମାସକରେ ଭାଙ୍ଗିଲା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ**




ଇନଡୋର ଷ୍ଟାଡିୟମ।

# ଗରିବ, ଅସୁସ୍ଥ ଶିଶୁ କନ୍ୟାର ଦାୟିତ୍ୱ ନେଲା ପ୍ରଶାସନ



ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା)

ମୋହନା ବ୍ଲକର ଚାନ୍ଦିପୁଟ ପଞ୍ଚାୟତର ଏକ ଗ୍ରାମରେ ଜନ୍ମର ଦିନକ ପରେ ମା'କୁ ହରାଇଥିବା ଏକ କୋମଳମତି ଶିଶୁ କନ୍ୟାର ଜିଲା ପ୍ରଶାସନ ଦାୟିତ୍ୱ ନେଇଛି। ଚାନ୍ଦିପୁଟ ପଞ୍ଚାୟତର ଏକ ଗ୍ରାମରେ ପ୍ରସବ ପରେ ମା'ର ମୃତ୍ୟୁ ଘଟିଥିଲା। ଏଣେ ଅତ୍ୟନ୍ତ ଗରିବ ତଥା ଅସୁସ୍ଥ ରହୁଥିବା ଶିଶୁ କନ୍ୟାଟିର ପିତା ଶିଶୁଟିର ଚିକିତ୍ସା କରାଇବା ଓ ଯତ୍ନ ନେବାକୁ ଅସମର୍ଥ ହେବାରୁ ଗ୍ରାମବାସୀ ଏବଂ ପାଖ ସହୃଦୟ ବ୍ୟକ୍ତି ଜିଲା ପ୍ରଶାସନର ସହଯୋଗ ଲୋଡ଼ିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଶିଶୁ କନ୍ୟାର ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ଶିଶୁଟି ଅସୁସ୍ଥ ଥିବା ଜାଣିଥିଲେ। ଶିଶୁ କନ୍ୟାଟିର ଉପଯୁକ୍ତ ଚିକିତ୍ସା ଏବଂ ଯତ୍ନ ନିମନ୍ତେ ପରିବାର ସଦସ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ଟିମକୁ ଶିଶୁକନ୍ୟାଟିକୁ ହସ୍ତାନ୍ତର କରାଯାଇଥିଲା। ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରି ଶିଶୁଟିକୁ ଜିଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଥଇଥାନ କରାଯାଇ ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଅଧିକା ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା, ଶିଶୁଟିର ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ସୂଚନା ମିଳିଛି।

# ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା):

ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ବାଲ୍ୟବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। କୌଣସି ବିଶସ୍ତ ସୂତ୍ରରୁ ମୋହନା ବାଲ୍ୟବିବାହ ନିଷେଧ ଅଧିକାରିଣୀ ସବିତା ପଟ୍ଟନାୟକ ଜାଣିବାକୁ ପାଇ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ।ଏହାକୁ ରୋକିବା ନିମନ୍ତେ ଏକ ଟିମ ଗଠନ କରାଯାଇ। ଉକ୍ତ ଟିମରେ ସିଡିପିଓ ଶ୍ରୀମତୀ ପଟ୍ଟନାୟକ, ସୁପରଭାଇଜର ସ୍ୱପ୍ନା କୁମାରୀ ପାତ୍ର, ଥାନାଧିକାରୀ ପୁରୁଷୋତ୍ତମ ଦେବ ପ୍ରମୁଖ ଯୋଗଦେଇ ହେବାକୁ ଥିବା ବାଲ୍ୟବିବାହକୁ ସ୍ଥଗିତ କରିଥିଲେ। ବିବାହ ହେବାକୁ ଥିବା ଝିଅଟିର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ଅଭିଭାବକଙ୍କୁ ବାଲ୍ୟବିବାହ ଏକ ଅପରାଧ ଏବଂ ଏହାର କୁପ୍ରଭାବ ଉପରେ ବିଶଦ ଭାବରେ ବୁଝାଯାଇଥିଲା । ଗ୍ରାମ ବାସୀଙ୍କ ଉପସ୍ଥିତିରେ ପିତାମାତା ଝିଅକୁ ୧୮ ବର୍ଷ ପୂରଣ ନହେବା ଯାଏ ବିବାହ ଦେବେ ନାହିଁ ଏବଂ ଏହାକୁ ଅମାନ୍ୟ କରିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

# ଶହୀଦ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ପାତ୍ରପୁର,୨୪।୪(ଉମା ଚରଣ ନେପାକ)

ଜରଡ଼ା ଥାନା ସୋଳଭାଗପେଣ୍ଠ ଗ୍ରାମର ଶହୀଦ ପାଣଚନ୍ଦ୍ର ବେହେରା(୨୪)ଙ୍କ ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବା ପରେ ଗାଁ ଶ୍ମଶାନଠାରେ ଗାର୍ଡଅଫ ଅନର ଦେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଷୋଳଭାଗପେଣ୍ଠ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ପାଣଚନ୍ଦ୍ର ଭାରତୀୟ ସେନାରେ କୋଲକାତାଠାରେ କାର୍ଯ୍ୟ କରୁଥିବା ବେଳେ ରେଳ ଯୋଗେ ଗ୍ରାମକୁ ଫେରୁଥିଲେ। ମଙ୍ଗଳବାର ମାଲଦା ଷ୍ଟେସନ ନିକଟରେ ରେଳରୁ ଖସି ପଡି ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେଠାକାର ପୋଲିସ ଗତ ରାତିରେ ପରିବାରକୁ ସୂଚନା ଦେଇଥିଲେ। ବୁଧବାର ତାଙ୍କ ପାର୍ଥିବ ଶରୀର ତାଙ୍କ ଭିଟାମାଟିରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ଭାରତୀୟ ସେନା ପକ୍ଷରୁ ଗାର୍ଡ ଅଫ ଅନର୍ ଦିଆଯାଇଥିବା ବେଳେ ପାତ୍ରପୁର ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ପରିବାର ବର୍ଗ ଓ ବୁଦ୍ଧିଜୀବୀମାନେ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେନା ପକ୍ଷରୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ବିଜ୍ଞାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ

ଜି.ଉଦୟଗିରି,୨୪।୪(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ବିଏଡ୍ କଲେଜରେ ୫ ଦିନିଆ ବିଜ୍ଞାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଏବଂ ଏହାର ପରୀକ୍ଷା କରି ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ସହଜରେ ଶିକ୍ଷା ଗ୍ରହଣ କରିବା ସହିତ ଶିକ୍ଷାଦାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। କର୍ମଶାଳାରେ ଡ. ଦୀପକ କୁମାର ମହାନ୍ତି ସହଯୋଗ କରିଥିବା ବେଳେ ମୋନାଲିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ପରେ ମଧ୍ୟ ଶିକ୍ଷକ ସାହୁ ନିଜେ ତିଆରି କରିଥିବା ବିଜ୍ଞାନ ଉପକରଣ ଧରି ମାଗଣାରେ ସ୍କୁଲକୁ ସ୍କୁଲ ବୁଲି ବିଜ୍ଞାନ ପାଠ୍ୟକ୍ରମ ଥିବା ବିଷୟକୁ ନେଇ ପରୀକ୍ଷା କରି ଦେଖାଇଥାନ୍ତି।

# ସିମନବାଡ଼ିରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଦାରିଙ୍ଗବାଡି, ୨୪।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡିଠାରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ବିଜେଡି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ସିମନବାଡି ସରପଞ୍ଚ ଅମିତା ପ୍ରଧାନ, କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଦାରିଙ୍ଗବାଡି ସମିତିସଭ୍ୟ କାଳିପ୍ରସାଦ ମଲ୍ଲିକଙ୍କ ସମେତ ଡିଲୋରୀ, କିରିକୁଟି ପଞ୍ଚାୟତର ଲୋକପ୍ରତିନିଧି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଡିଲୋରୀ, କିରିକୁଟି ଓ ସିମନବାଡି ପଞ୍ଚାୟତରେ ବିଜେଡି କର୍ମୀମାନେ ଯୋଗଦେଇ ଚଳିତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଏବଂ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତଙ୍କୁ ବିପୁଳ ଭୋଟରେ ବିଜୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଭାଜପା ସମର୍ଥିତ ବିଶ୍ୱନାଥ ବେହେର ଦଳାଇ, ଭିକାର ସିଂ ଅମାୟତ, ତ୍ରିଲୋଚନ ପ୍ରଧାନ, ପ୍ରହ୍ଲାଦ ନାୟକ, ପୁରୁଷୋତ୍ତମ ବେହେର ଦଳାଇ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି ଅମରେନ୍ଦ୍ର ପ୍ରଧାନ, ପ୍ରଭୋଦ ନାୟକ, ଗ୍ରୀନବାଡିର ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ଆମସ ପ୍ରଧାନ। ସେହିପରି ସ୍ୱାଧୀନର ଶିବରାଜ ପ୍ରଧାନ,ରାଉତ ପ୍ରଧାନ। ସମସ୍ତଙ୍କୁ ବିଧାୟକ ସାଲୁଗା ପ୍ରଧାନ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦଳର ପର୍ତ୍ତମାହା ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

# ଫୁଲବାଣୀରେ କଂଗ୍ରେସର ରୋଡ୍ ଶୋ



ଫୁଲବାଣୀ,୨୪।୪(ରାକେଶ କୁମାର ରାଉତ)

ନିର୍ବାଚନ ପାଖେଇ ଆସୁଥିବା ବେଳେ କଂଗ୍ରେସର ପ୍ରଚାର ଜୋର ଧରିଛି। ମଙ୍ଗଳବାର ସନ୍ଧ୍ୟାରେ ଫୁଲବାଣୀରେ ଦଳର ଲୋକ ସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ଓ ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର ମିଳିତ ଭାବେ ପ୍ରଚାରକୁ ଓହ୍ଲାଇବା ସହ ରୋଡ ଶୋ କରିଛନ୍ତି। ସହର ଉପକଣ୍ଠ ରୁଜାଙ୍ଗିଠାରୁ ଏକ ବାଇକ୍ ରାଲି ବାହାରି ସହର ପରିକ୍ରମା କରିଥିଲା। ଶତାଧିକ କର୍ମୀଙ୍କ ସହିତ ଉଭୟ ପ୍ରାର୍ଥୀ ରୋଡ ଶୋ କରିବା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ପ୍ରାର୍ଥୀ ମାନଙ୍କୁ ଦଳୀୟ କର୍ମୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବହୁ ଦିନ ପରେ ଏହା ଥିଲା କଂଗ୍ରେସର ବଡ କାର୍ଯ୍ୟକ୍ରମ। ଚଳିତ ନିର୍ବାଚନରେ କୌଣସି ରାଜନୈତିକ ଦଳର ଫୁଲବାଣୀ ସହରରେ ଏହା ପ୍ରଥମ ରୋଡ ଶୋ ଥିଲା। ପରେ ଗଣମାଧ୍ୟମ ସହିତ ଆଲୋଚନାରେ ଚଳିତ ନିର୍ବାଚନରେ କଂଗ୍ରେସ ଲୋକ ସଭା ସହିତ ସମସ୍ତ ବିଧାନସଭା ଆସନରେ ବିଜୟ ଲାଭ କରିବ ବୋଲି ଲୋକ ସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ପ୍ରକାଶ କରିଛନ୍ତି। ଏହି ରୋଡ଼ ଶୋରେ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବରିଷ୍ଠ ନେତା ଘନକୁମାର ଶବର, ବସନ୍ତ କୁମାର ପାଢ଼ୀ, ନଗର ସଭାପତି ଶିବ ଶଙ୍କର ବେହେରାଙ୍କ ସମେତ ଜିଲାର ବରିଷ୍ଠ ନେତା,ବ୍ଲକ ସଭାପତି, ପଞ୍ଚାୟତସ୍ତରୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ୱାରେଣ୍ଟ ବଳରେ ୭ ଗିରଫ




ଦାରିଙ୍ଗବାଡି, ୨୪।୪(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ବିଭିନ୍ନ ମାମଲାରେ ଫେରାର ଥିବା ୭ ଜଣଙ୍କୁ ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିରାମାହା ଗ୍ରାମର ବିଶ୍ୱନାଥ ମଲିକ, ଉକ୍ତ ଥାନା ଗଦାପୁର ଗ୍ରାମର ସିମନ ବଳିୟାରସିଂ, ରାଇକଣା ଗ୍ରାମର ପକଲା ବଳିୟାରସିଂ, ସିମନ ବଳିୟାରସିଂ,ଲାଲୁ ବଳିୟାରସିଂ,କାଳିଆ ବଳିୟାରସିଂ ଓ ପେଟା ବଳିୟାରସିଂ। ବିଶ୍ୱନାଥ ମଲିକଙ୍କ ନାମରେ ନଂ.୩୦୨/୧୧ରେ ମାମଲା ରହିଥିବା ବେଳେ ସେ ଫେରାର ଥିଲେ। ସେହିପରି ସିମନଙ୍କ ନାଁରେ ନଂ.୨୩/୨୨ ଓ ଅନ୍ୟ ୫ଜଣଙ୍କ ନାଁରେ ନଂ.୧୭୩/୨୨ରେ ମାମଲା ରୁଜୁ ହୋଇଥିଲା। ସମସ୍ତେ ଫେରାର୍ ଥିବାରୁ ସେମାନଙ୍କ ନାଁରେ ଜାମିନ ବିହୀନ ଗିରଫ ନିର୍ଦ୍ଦେଶ ରହିଥିଲା। ପ୍ରକାଶ ଯେ, ଆସନ୍ତା ୨୦ରେ ସାଧାରଣ ନିର୍ବାଚନ ରହିଛି । କିଭଳି ସମସ୍ତ ବୁଥରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ହୋଇପାରିବ ସେନେଇ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର, ବାଲିଗୁଡ଼ା ଏସ୍‌ଡିପିଓ ରାହୁଲ ଗୋଏଲଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ, ପାଟ୍ରୋଲିଂକୁ ଜୋରଦାର କରାଯାଉଛି।

# ଭୋଟର ସଚେତନତା କାର୍ଯ୍ୟକ୍ରମରେ ସଫଳତା




ଦାରିଙ୍ଗବାଡି, ୨୪।୪ (ଅରୁଣ ସାହୁ)

ଆସନ୍ତା ସାଧାରଣ ନିର୍ବାଚନରେ କିଭଳି ମତଦାନ ହାର ବୃଦ୍ଧି ପାଇବା ସହ ଭୋଟ ହାରକୁ ବୃଦ୍ଧି କରାଯିବ ସେ ନେଇ ଜିଲାର ୧୨ଟି ବ୍ଲକ ଅଞ୍ଚଳରେ ଭୋଟର ସଚେତନ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ଏଥିରେ ବିଭିନ୍ନ ବ୍ଲକର ପ୍ରଶାସନ ପକ୍ଷରୁ କରାଯାଉଥିବା ବେଳେ ଦାରିଙ୍ଗବାଡିରେ ମଧ୍ୟ ଏହି ସଚେତନ କାର୍ଯ୍ୟକ୍ରମ ସଫଳତାର ସହ କରାଯାଇଛି। ବାଲିଗୁଡ଼ା ଉପଖଣ୍ଡ ସ୍ତରରେ 'ଚୁନାବ ମହ୍ଲାର' ପ୍ରତିଯୋଗିତା ଓ ପ୍ରଦର୍ଶନ କରାଯାଇଥିଲା। ସେଥିରେ ଦାରିଙ୍ଗବାଡ଼ି ବ୍ଲକ ଇକୋ ଫ୍ରେଣ୍ଡଲି ବୁଥ ପ୍ରଦର୍ଶନ କରି ଦ୍ୱିତୀୟସ୍ଥାନ ଅଧିକାର କରିଛି। ସେହିପରି କ. ନୂଆଗାଁ ବ୍ଲକ ହୋମ ଭୋଟିଂ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଓ ସଖୀ ବୁଥ ପ୍ରଦର୍ଶନ କରି ତୃତୀୟ ସ୍ଥାନରେ ରାଇକିଆ ବ୍ଲକ ରହିଥିବା ଜଣାପଡ଼ିଛି। ଦାରିଙ୍ଗବାଡିରେ ଯୁବ ଭୋଟରଙ୍କୁ ନେଇ ଶୋଭାଯାତ୍ରା କରି ଭୋଟରଙ୍କୁ ସଚେତନ କରାଯାଇଥିବା ବେଳେ ପଥପ୍ରାନ୍ତ ନାଟକ, ଦାସକାଠିଆ, ରଙ୍ଗୋଲି, ଟେଲି ଫିଲ୍ମ ଜରିଆରେ ସଚେତନ କରାଯାଉଛି। ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସହଯୋଗରେ ଏହି ସଚେତନ କାର୍ଯ୍ୟକ୍ରମ ସଫଳତାର ସହ କରାଯାଉଛି।

# ଜି.ଉଦୟଗିରିରେ ବିଜେଡିର ମିଶ୍ରଣ ପର୍ବ




ବିଜେଡିର କର୍ମୀ ସମ୍ମିଳନୀ ଉପସ୍ଥିତ କର୍ମକର୍ତ୍ତା।

ଜି.ଉଦୟଗିରି,୨୪।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଶ୍ରୀରାମପଦା ସମ୍ମିଳିତ ପାଖ ଆମ୍ବ ବଗିଚାରେ ବିଜେଡିର ଏକ ବିରାଟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମଞ୍ଚାସୀନ ଅତିଥି ଭାବେ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ, ଜି.ଉଦୟଗିରି ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ ଯୋଗ ଦେଇଥିବା ବେଳେ ବ୍ଲକ ସଭାପତି ଲିଙ୍ଗରାଜ କହଁର, କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ,ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ପରେ ଏକ ବଡ଼ ଧରଣର ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଜି ଉଦୟଗିରି ଏନଏସିର କଂଗ୍ରେସ କାଉନସିଲର ଯାକେଶ ପ୍ରଧାନଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ନଗର କାର୍ଯ୍ୟକାରୀ ସଭାପତି ଅନୀଲ ଦଳବେହେରା କହିଛନ୍ତି।

# ଅସନ୍ତୁଷ୍ଟ ନେତା, କର୍ମୀଙ୍କ ଉପରେ ସମସ୍ତଙ୍କ ନଜର

**ନିର୍ବାଚନକୁ ନେଇ ବାଲିଗୁଡ଼ା ଚଳଚଞ୍ଚଳ**

ବାଲିଗୁଡ଼ା,୨୪।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହୋଇ ଉଠିଲାଣି। ଚଳିତ ନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ତିନି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। କିନ୍ତୁ ନାମାଙ୍କନ ଶେଷଯାଏ ଏଠାରେ ଟିକେଟ କାହାର ରହିବ କାହାର କଟିବ ସେ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ପ୍ରଥମେ ଭାଜପାର ଦୁଇ ଦୁଇ ଥର ବିଧାୟକ ହୋଇଥିବା କରେନ୍ଦ୍ର ମାଝିଙ୍କ ଟିକେଟ କାଟି ଚାକିରି ଛାଡି ନୂତନ ଭାବେ ଯୋଗ ଦେଇଥିବା କଳ୍ପନା କହଁରଙ୍କୁ ଟିକେଟ ଦିଆଯାଇଛି, ଯାହାଙ୍କ ପ୍ରାର୍ଥିତ୍ୱକୁ ନେଇ କୁଇ ସମାଜ ପ୍ରଶ୍ନ ଉଠାଇଛି। ସେହିପରି କଂଗ୍ରେସ ପ୍ରଥମେ ସୁରୁଦା ପ୍ରଧାନଙ୍କୁ ଟିକେଟ ଦେଇଥିବା ବେଳେ କୁଇ ସମାଜ ବିରୋଧ କରିବା ସହ ଦଳୀୟ ଅସନ୍ତୋଷ ଲାଗି ରହିଥିଲା। ଦଳୀୟ ପ୍ରଭାରୀଙ୍କ ନିକଟରେ ଉତ୍ତେଜନା ଦେଖାଦେଇଥିଲା, ତାହାକୁ ନେଇ ଟିକେଟ ଦେବାର ୧୦ ଦିନ ପରେ ପୁଣି ଟିକେଟ ବଦଳାଇ ସୁରୁଦାଙ୍କ ସ୍ଥାନରେ ଉପେନ୍ଦ୍ର ପ୍ରଧାନଙ୍କୁ ଟିକେଟ ଦିଆଯାଇଛି। ବିଜେଡି ମଧ୍ୟରେ ଟିକେଟ ରେସ୍‌ରେ ବହୁ ଆଶାୟୀ ରହିଥିବା ବେଳେ ବର୍ତ୍ତମାନର ବିଧାୟକ ରହିଥିବା ଚକ୍ରମଣି କହଁରଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳର ସୁପ୍ରିମୋ ଟିକେଟ ତାଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ମଧ୍ୟରେ ନେତା ଓ କର୍ମୀମାନଙ୍କ ଭିତରେ ଅସନ୍ତୋଷ ରହିଥିବା ଦେଖିବାକୁ ମିଳୁଛି। ବିଜେଡି ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ କହିଛନ୍ତି, ବିଜେଡି ଏକ ବୃହତ୍ ଓ ଶୃଙ୍ଖଳିତ ଦଳ। ଦଳ ମଧ୍ୟରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ରହିଥାନ୍ତି। କିନ୍ତୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନିଅନ୍ତି, ଯାହାକୁ ପ୍ରାର୍ଥୀ କରନ୍ତି, ତାହାକୁ ସମସ୍ତେ ମାନି ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ଦଳ ମଧ୍ୟରେ ଥିବା ଅସନ୍ତୋଷକୁ ଧୀରେ ଧୀରେ ଦୂର କରାଯାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ବିଧାନସଭା ପ୍ରଭାରୀ ଲିଙ୍ଗରାଜ ଦଳବେହେରାଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ଓ କର୍ମୀ ଏବଂ ସମସ୍ତ ବୁଥ୍‌ର କାର୍ଯ୍ୟକର୍ତ୍ତା ଯୋଗ ଦେଇନଥିବାରୁ ଆସିଥିବା କର୍ମୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଭାଜପାରେ ରହିଥିବା ଅସନ୍ତୋଷ ସମ୍ପର୍କରେ ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର କହିଛନ୍ତି, ସବୁଠି ଅସନ୍ତୋଷ ଅଛି। ଆମ ଦଳରେ ଥିବା ଅସନ୍ତୋଷକୁ ଦୂର କରାଯାଉଛି। ବାଲିଗୁଡା ନିର୍ବାଚନକୁ ଜିଲା ସଭାପତି ଜଗନ୍ନାଥ ସାହୁ ଓ ଲୋକ ସଭା ସଂଯୋଜକ ପଦ୍ମ ଚରଣ ଦାସ ସେହି ସ୍ଥାନର ହୋଇଥିବାରୁ କିଛି ଅସୁବିଧା ହେବ ନାହିଁ, ମୁଁ ନିଜେ ସେହି ନିର୍ବାଚନମଣ୍ଡଳୀକୁ ମଧ୍ୟ ପରିଚାଳନା କରିଛି।

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

ଆସିକା,୨୪।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର କରୋନେଶନ ପାର୍କ ପରିସରରେ ବୁଧବାର ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଉପଜିଲାପାଳ ବିଶ୍ୱରଞ୍ଜନ କର, ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆସିକା ବିଡିଓ ଫକୀର ଚରଣ ପରିଡ଼ା, ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଜଗନ୍ନାଥପ୍ରସାଦ ତହସିଲଦାର ଅଶୋକ କୁମାର ମୁଦୁଲି, ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, ଭଞ୍ଜନଗର ବିଡିଓ ମନ୍ମଥ କୁମାର ନାୟକ, କବିସୂର୍ଯ୍ୟନଗର ବିଡିଓ ସାଗରିକା ଷଡଙ୍ଗୀ, ସୋରଡ଼ା ବିଡିଓ ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ମତଦାତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ମତଦାତାମାନେ ଆଗାମୀ ନିର୍ବାଚନରେ ନିର୍ଭିକ ଓ ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କ ମତ ସାବ୍ୟସ୍ତ କରିବା ଲାଗି ନିବେଦନ କରାଯାଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉତ୍ତର ମାଧ୍ୟମରେ ସଚେତନ କରାଯିବା ସହ ପୁରସ୍କୃତ କରାଯାଇଥିଲା।

### କବିସୂର୍ଯ୍ୟନଗର ଏନ୍ଏସିରେ ଭାଜପାର ପ୍ରଚାର

କବିସୂର୍ଯ୍ୟନଗର,୨୪।୪(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟ ନଗରରେ ୩ ପ୍ରମୁଖ ଦଳ ମଧ୍ୟରେ ଭାଜପା ପ୍ରଚାର ମଇଦାନରେ ଆଗରେ ରହିଛି। ଏଠରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ନାୟକ ନିଜ ସମର୍ଥକମାନଙ୍କୁ ନେଇ ୱାର୍ଡ ନଂ ୧୮ ଓ ୪ ରେ ପ୍ରଚାର ଚଳାଇଛନ୍ତି। ପ୍ରତି ଘରକୁ ଘର ବୁଲି ଲୋକଙ୍କ ସୁଖଦୁଃଖ ପଚାରି ବୁଝିବା ସହ ଥରଟିଏ ସୁଯୋଗ ଦେବାକୁ ଭୋଟରଙ୍କୁ ଅନୁରୋଧ କରିଛନ୍ତି। କବିସୂର୍ଯ୍ୟନଗର ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ମହାରଣା, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀକାନ୍ତ ପଣ୍ଡା, କର୍ମୀ ଅଜୟ ପାତ୍ର, ନାରାୟଣ ବିଶ୍ୱାଳ, ସିମାଞ୍ଚଳ ବିଶ୍ୱାଳ, ଗୁରୁନାଥ ଗୌଡ଼, ସୁଶୀଲ କରଣ, ନବକିଶୋର ବିଶ୍ୱାଳ, ବବୁଲ ଜେନା, ଶୁଭମ ଗୌଡ଼, ମିଥୁନ କରଣ, ସନ୍ତୋଷ ପରିଡ଼ା, ପିଣ୍ଟୁ ଦଳାଇ, କାଳିଆ ନାହାକ, ଦେବାଶିଷ ଡାକୁଆ, ଲକ୍ଷଣ ବିଶ୍ୱାଳ, ଦୁର୍ଗା ମାଧବ ନାହାକ ପ୍ରମୁଖ ଶତାଧିକ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।

### ବିଜେଡିର ବୁଗୁଡା ଏନ୍ଏସି ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡା,୨୪।୪(କାଳିଚରଣ ଦାଶ)

ବୁଗୁଡା ଶକ୍ତିନଗରସ୍ଥିତ ମିନାବଜାର ପଡିଆରେ ବିଜେଡି ପକ୍ଷରୁ ବୁଗୁଡା ଏନ୍ଏସି ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳି ପାଢୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, କାଉନସିଲର ବିନୋଦିନୀ ନାୟକ, ସସ୍ମିତା ଜେନା, ଆଶୁତୋଷ ବଡେଇ, ଉର୍ମିଳା ସାହୁ, ରିଭା ସ୍ୱାଇଁ, ପିଙ୍କି ନାହାକ, ବବୁ ପ୍ରଧାନ, ପ୍ରାକ୍ତନ କାଉନସିଲର ସୂର୍ଯ୍ୟ ନାରାୟଣ ମହାନ୍ତି, ସୁଧାଂଶୁ ଶେଖର ପାଢୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ଆସିକା ଲୋକ ସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ମେ ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଏମ୍ପି ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ବୁଗୁଡା ଏନ୍ଏସି ଅନ୍ତର୍ଗତ ୧୩ଟି ୱାର୍ଡରେ ଦଳୀୟ ସଂଗଠନକୁ ଆହୁରି ମଜବୁତ୍ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା।

# ନିର୍ବାଚନ ପ୍ରସ୍ତୁତି ନେଇ ଜିଲାପାଳଙ୍କ ସମୀକ୍ଷା

ଫୁଲବାଣୀ, ୨୪।୪(ରାକେଶ କୁମାର ରାଉତ)



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୨୬ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶନ ହେବ। ୩ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରାଯିବ। ୬ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ୨୦ରେ ମତଦାନ ହେବ। ମତଦାନ ଓ ଭୋଟ ଗଣନାର ଅବ୍ୟବହିତ ପୂର୍ବରୁ ସମସ୍ତ ନୋଡାଲ ଅଧିକାରୀ, ସମସ୍ତ ଉପ ଜିଲାପାଳ, ରିଟର୍ଣ୍ଣିଂ ଅଫିସର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଆକାଉଣ୍ଟିଂ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଭିଡିଓ ଭ୍ୟୁଇଙ୍ଗ୍ ଟିମ୍, ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ ଟିମ୍‌ର ସଦସ୍ୟଙ୍କୁ ନେଇ ଜିଲାପାଳ ଆଲୋଚନା କରିଥିଲେ। ରିଟର୍ଣ୍ଣିଂ ଅଫିସର୍‌ମାନଙ୍କୁ ୨୬ ତାରିଖ ଦିନ ଫର୍ମ-୧ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୁଧବାର ସନ୍ଧ୍ୟା ସୁଦ୍ଧା ପୋଷ୍ଟାଲ ବାଲାଟ୍ ପାଇଁ ଆବେଦନ ପତ୍ର ପୂର୍ବରୁ ପଠାଯାଇଥିବା ସଂଶୋଧିତ ଫର୍ମାଟରେ ପୂରଣ କରି ଦାଖଲ କରିବାକୁ ସମସ୍ତ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସମୁଦାୟ ୩୯୫ଟି ୱେବ୍ କାଷ୍ଟିଙ୍ଗ ବୁଥ୍ ପାଇଁ କ'ଣ ସବୁ ଆବଶ୍ୟକତା ରହିଛି ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଆଦର୍ଶ ଆଚରଣ ବିଧି, ବାଲାଟ ପେପର ଛପା କାର୍ଯ୍ୟ, ଭୋଟର ତାଲିକା ଯାଞ୍ଚ, ଭୋଟ ଗଣତି ପାଇଁ ନୋଡାଲ ଅଧିକାରୀ ନିଯୁକ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସେକ୍ଟର ଅଫିସରଙ୍କ ଉପସ୍ଥିତିରେ କମିସନିଂ, ୭୦ ବର୍ଷ ଓ ୮୦ ବର୍ଷ ବୟସର ଭୋଟରମାନଙ୍କ ସୁବିଧା ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତି ଉପରେ ଆଲୋଚନା କରିଥିଲେ।

ଉକ୍ତ ସମୀକ୍ଷା ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲାପାଳ (ନିର୍ବାଚନ) ରମେଶ ଚନ୍ଦ୍ର ଜେନା, ବାଲିଗୁଡ଼ା ଉପ ଜିଲାପାଳ ଡା.ରୀନା ପ୍ରଧାନ, କନ୍ଧମାଳ ଉପ ଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୁଶ୍ରୀ ଦେବାଯାନୀ ଭୂୟାଁ, ସହକାରୀ ଜିଲାପାଳ(ନିର୍ବାଚନ) ଡି. ମାଲେଶ୍ୱର ପାତ୍ରଙ୍କ ସମେତ ନିର୍ବାଚନ ସହିତ ସଂଶ୍ଳିଷ୍ଟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ବୁଗୁଡ଼ା,୨୪।୪(କାଳିଚରଣ ଦାଶ)

ପୋଲସରା ନିର୍ବାଚନ ମଣ୍ଡଳୀରେ ଏଥର ବିଜୟ ବାନା ଉଡ଼ାଇବା ଲକ୍ଷ୍ୟ ରଖି ବିଭିନ୍ନ ପଞ୍ଚାୟତରେ ମିଶ୍ରଣ ପର୍ବ କରି ବଳ ଗୋଟାଇବା ଭାଜପା ଆରମ୍ଭ କରିଛି। ବୁଗୁଡ଼ା ଏନ୍ଏସିର ୫୦ ଜଣ ଯୁବକ ବୁଗୁଡ଼ା ଭାଜପା କାର୍ଯ୍ୟାଳୟ ଠାରେ ଭାଜପାରେ ସାମିଲ ହୋଇଥିବା ବେଳେ ବିରଞ୍ଚି ପୁରଠାରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଭାମଶ୍ୟାଳୀଠାରେ ଶତାଧିକ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦୁଇ ପଞ୍ଚାୟତ ଓ ବୁଗୁଡ଼ା ଏନ୍ଏସିର ୨୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ଯୁବକମାନେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ଘୁମୁସର ସାଙ୍ଗଠନିକ ଜିଲା ସଭାପତି ତଥା ଭାଜପାର ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନଙ୍କ ମଧ୍ୟରୁ ସୁରେନ୍ଦ୍ରନାଥ ବରାଡ, ବିଜୟାନନ୍ଦ ବେହେରା, ସୁବାସ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ବରାଡ, ରମେଶ ଚନ୍ଦ୍ର ପ୍ରଧାନ, ମନୋଜ କୁମାର ମହାପାତ୍ର, ନାରାୟଣ ପୋଲାଇ, ସୁନୀଲ ଦାସ, ନବଘନ ପୋଲାଇ, ରାକେଶ ଜେନା, ସୁନୀଲ ମହାରଣା, ପବିତ୍ର ପଣ୍ଡା, ସୁନୀଲ ପଣ୍ଡା, ଅଜୟ ନାହାକ, ମନୋଜ କୁମାର ସାହୁ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିବା ଭାଜପା ପକ୍ଷରୁ ସୂଚନା ମିଳିଛି। ମିଶ୍ରଣ ପର୍ବରେ ଭାଜପା ଜିଲା ଉପସଭାପତି ପ୍ରଭାକର ପଣ୍ଡା, ହରପ୍ରସାଦ ଦାଶ, ହରିହର ସାହୁ, ପୃଥ୍ୱୀରାଜ ଭଞ୍ଜଦେଓ, ସୁନୀଲ ପାଢ଼ୀ, ପଞ୍ଚାନନ ସାହୁ, ସତ୍ୟନାରାୟଣ ସାହୁ, ନୀଳାଞ୍ଚଳ ପଣ୍ଡା, କେଦାର ମହାରଣା, ସନ୍ତୋଷ ବିଶ୍ୱାଳ, ଗୌର ପ୍ରଧାନ, ଗଙ୍ଗାଧର ନାୟକ, ପଞ୍ଚାନନ ସାହୁ, ବସନ୍ତ ସାମଲ, ମନୁ ରାଉତ, ଶମ୍ଭୁ ନାଥ ନାୟକ, ସରୋଜ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଷଷ୍ଠ ଦିବସରେ ବିଭିନ୍ନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ


ସୁବାସ ଚନ୍ଦ୍ର ବେହେରା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।

ଛତ୍ରପୁର,୨୪।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ପ୍ରାର୍ଥୀପତ୍ର ଦାଖଲର ୬ଷ୍ଠ ଦିବସରେ ବିଭିନ୍ନ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଛତ୍ରପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା, କଂଗ୍ରେସ ପ୍ରାର୍ଥୀ ଭାବେ ଭାଗିରଥି ବେହେରା, ବିଏସପି ପ୍ରାର୍ଥୀ ଭାବେ ଲିଙ୍ଗରାଜ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସି ଏଚ ମାନିନୀ ଛତ୍ରପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଦେବଦତ୍ତ ମହାନ୍ତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରହ୍ମପୁର ଏମ୍ପି ପ୍ରାର୍ଥୀ ଭାବେ ବିଜେଡିରୁ ଭୃଗୁ ବକ୍ସିପାତ୍ର, କଂଗ୍ରେସରୁ ରଶ୍ମି ରଞ୍ଜନ ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଉମା ଶଙ୍କର ଶତପଥୀ ଓ ଡଃ ବି. କାନ୍ତା ରାଓ ଗଞ୍ଜାମ ଜିଲା ପରିଷଦ ଭବନ କାର୍ଯ୍ୟାଳୟ ନିକଟରେ ପହଞ୍ଚି ରିଟର୍ନିଂ ଅଫିସର ତଥା ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ଭାବେ ବିଜେଡିରୁ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କଂଗ୍ରେସରୁ ଦୀପକ ପଟ୍ଟନାୟକ, ଭାରତୀୟ ବିକାଶ ପରିଷଦରୁ ପ୍ରଶାନ୍ତ କୁମାର ପଟ୍ଟନାୟକ, ଆମ ଆଦମୀ ପାର୍ଟିରୁ ସୁବାଷ ଚନ୍ଦ୍ର ରାଉତ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସିମନ୍ ବେଗମ ନିଜ ସମର୍ଥକ ମାନଙ୍କ ସହ ଆସି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

# ଭାଜପା ଶିବିରରେ କାଶୀନଗର ଏନ୍ଏସି ଅଧ୍ୟକ୍ଷା



ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା କାଶୀନଗର ବ୍ଲକରେ ବୁଧବାର ଭାଜପାର ମିଶ୍ରଣ ପର୍ବ ହୋଇଥିଲା। କାଶୀନଗର ଏନଏସି ଅଧ୍ୟକ୍ଷା ଏମ ସୁଧାରାଣୀଙ୍କ ସମେତ ୮ଜଣ କାଉନସିଲର, ବ୍ଲକର କେତେଜଣ ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ଶତାଧିକ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ପରିଚାଳନାରେ ଅନୁପ୍ରେରିତ ହୋଇ ସ୍ଥାନୀୟ ଭାଜପା ବିଧାୟକ କେ. ନାରାୟଣ ରାଓଙ୍କ ଅନୁଗତ ହୋଇଛନ୍ତି। ।

୨୦୧୯ ନିର୍ବାଚନରେ ଭାଜପା ମାତ୍ର ୩୦ପ୍ରତିଶତ ଭୋଟ୍ କାଶୀନଗର ବ୍ଲକରେ ପାଇବାରେ ସକ୍ଷମ ହୋଇଥିଲା । ଗତ ୩ଟି ପୋର ନିର୍ବାଚନ ରେ ଲଗାତାର ବିଜୟୀ ହୋଇ ଆସିଥିବା ଏନଏସି ଅଧ୍ୟକ୍ଷା ସୁଧାରାଣୀ ଭାଜପାରେ ସାମିଲ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ମିଶ୍ରଣ ପର୍ବରେ ବ୍ରହ୍ମପୁର ଏମ୍ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ସ୍ଥାନୀୟ ବିଧାୟକ କେ ନାରାୟଣ ରାଓ ଯୋଗଦେଇ ସୁଧାରାଣୀଙ୍କୁ ଭାଜପା ଉତ୍ତରୀୟ ଦେଇ ଦଳରେ ସାମିଲ କରିଛନ୍ତି। ବିଧାୟକ କହିଛନ୍ତି, ସୁଧାରାଣୀ ଓ ଅନ୍ୟମାନେ ଦଳ ରେ ମିଶିବା ପରେ ତାଙ୍କ ଜିତିବା ନେଇ ଯଥେଷ୍ଟ ଆଶା ସଞ୍ଚାର ହୋଇଛି । ସେହିପରି ବ୍ରହ୍ମପୁର ଏମ୍ପି ପ୍ରାର୍ଥୀ ପାଣିଗ୍ରାହୀ କହିଛନ୍ତି, ଲୋକେ ବର୍ତ୍ତମାନ ପରିବର୍ତ୍ତନ ଚାହିଁଲେଣି, ପରିବର୍ତ୍ତନ ଲହରୀ ଜାରି ରହିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦଳ ଛାଡିଥିବା ଏନ୍ଏସି ଅଧ୍ୟକ୍ଷା ସୁଧାରାଣୀ କହିଛନ୍ତି, ବିଜେଡିରେ କିଛି ନେତା ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଚାପ ପ୍ରୟୋଗ କରୁଥିଲେ। ଯାହା ଲୋକଙ୍କୁ ସେବା ଯୋଗାଇବାରେ ତାଙ୍କୁ ପ୍ରତିବନ୍ଧକ ସାଜିଥିଲା। ସେଥିରେ ଅତିଷ୍ଠ ହୋଇ ସ୍ଥାନୀୟ ନେତା ଓ କର୍ମୀଙ୍କ ରାୟ ନେଇ ବିଜେଡି ଛାଡିଥିବା ସିଧାସଳଖ କହିଛନ୍ତି।

## ସାହିତ୍ୟ ଆଲୋଚନାଚକ୍ର, କବିତା ଆସର

ବାଲିପଦର,୨୪।୪(ବିଶିକେଶନ ସ୍ୱାଇଁ)

ଖୋଲଖାଲିଠାରେ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ବାଲିପଦର ପକ୍ଷରୁ ୧୩୬ତମ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ପ୍ରତିଷ୍ଠାନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଖୋଲଖାଲି ସରପଞ୍ଚ ଉମାକାନ୍ତ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ମୋତିଲାଲ ପତି, ଅନ୍ୟତମ ବରେଣ୍ୟ ଅତିଥି ଭାବେ କବି ଅନନ୍ତ କର, ଡା ବ୍ରଜକିଶୋର ପାଢ଼ୀ, ସର୍ଦ୍ଦାର ଲିଙ୍ଗରାଜ ଦାସ, ସାମାଜିକ କର୍ମୀ ରୀନା ଚୌଧୁରୀ, ଦୁର୍ଗା ପ୍ରସାଦ ଦାସ, ଗୌରୀଶଙ୍କର ମିଶ୍ର, ଭଞ୍ଜ ମାଟିର ସମ୍ପାଦକ କାମ ରାଜୁ ସାହାଣୀ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ କବି ରାମଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ପାଢ଼ୀ, ଧ୍ରୁବ ପାଣିଗ୍ରାହୀ, ରଘୁନାଥ ସାହୁ, ରାଜଗୋପାଳ ନାୟକ ପ୍ରମୁଖ କବିତା ପାଠ କରିଥିଲେ। ରାମଲୀଳା ଗାୟକ ପ୍ରଭାତ ରାଉତ ଓ ସାଥି, ଭାରତ ଲୀଳା ଗୁରୁ ପ୍ରମୋଦ କୁମାର ଦାସ, ଦକ୍ଷିଣୀ ବାଦକ ପିତବାସ ସାହୁ, ଚିତ୍ରଶିଳ୍ପୀ ବିନୋଦ ବିହାରୀ ପତିଙ୍କୁ 'ଘୁମୁସରର ସ୍ୱର' ପକ୍ଷରୁ ପ୍ରଶଂସା ପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷରେ ଖଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ମିଶ୍ରଣ ପର୍ବ

ଛତ୍ରପୁର,୨୪।୪(ସନ୍ତୋଷ ପାଢ଼ୀ)

ଛତ୍ରପୁରରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଏବଂ ଛତ୍ରପୁର ବ୍ଲକର ଶତାଧିକ ନେତା କର୍ମୀ ବିଜେଡି ଏବଂ କଂଗ୍ରେସ ଛାଡି ଭାଜପାରେ ମିଶିଥିଲେ। ସେମାନଙ୍କୁ ଭାଜପା ଜିଲା ସଭାପତି ସୁବାସ ସାହୁ, ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ, ରାମଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦଳୀୟ ଟୋପି ଉତ୍ତରୀୟ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କର ସୁଶାସନରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ଦଳକୁ ଆସିଥିବା କର୍ମୀମାନେ କହିଛନ୍ତି। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଛତ୍ରପୁର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଭାଜପାରେ ମିଶିଥିବା ବ୍ରଜମୋହନ ଆଚାର୍ଯ୍ୟଙ୍କୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜିଲା ସଭାପତି ଘୋଷଣା କରିଥିଲେ।

# ୧୩ ନଂ ଜୋନ୍‌ରେ ବିଜେଡିର ନିର୍ବାଚନୀ ବୈଠକ

ଖଲ୍ଲିକୋଟ,୨୪।୪(ପ୍ରଶାନ୍ତ କୁମାର ମିଶ୍ର)


ବିଜେଡିର ନିର୍ବାଚନୀ ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

ଖଲ୍ଲିକୋଟ ବ୍ଲକ ୧୩ ନମ୍ବର ଜିଲା ପରିଷଦ ଜୋନର ବିଜେଡିର ନିର୍ବାଚନୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଆଲପୁର ପଞ୍ଚାୟତର ଖୁଣ୍ଟ ବଣିଆଠାରେ ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟଙ୍କ ପୌରୋହିତ୍ୟରେ ଏହି ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ ବ୍ଲକର ତିନିଟି ଜିଲା ପରିଷଦ ଜୋନରେ ନିର୍ବାଚନ ପାଇଁ ତିନୋଟି କମିଟି ଗଠନ କରାଯାଇଛି। ଏହି ତିନୋଟି କମିଟିକୁ ନେଇ ଏକ ସେଣ୍ଟ୍ରାଲ କମିଟି ଗଠନ କରାଯାଇଛି। ଏହି ବୈଠକରେ ବିଜେଡି ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟଙ୍କୁ ୧୩ ନମ୍ବର ଜୋନରୁ କିପରି ଅଧିକରୁ ଅଧିକ ଭୋଟ ମିଳିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଦାନପୁର ସମିତି ସଭ୍ୟ ଦୈତାରୀ ବେହେରା, ଜିଲା ପରିଷଦ ସଭ୍ୟ ବିନାୟକ ଜାଲି ଓ ସୋନମ ପଲେଇ, କନକା ସରପଞ୍ଚ ରେଖା କୁମାରୀ ଜାଲି, ଲଙ୍ଗଳେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ବାକୁଟୁ ଗାଁ ସରପଞ୍ଚ ଗଣେଶ ସାହୁ, ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ସମିତି ସଭ୍ୟରାଜୁ ତରେଇ ଓ ସରପଞ୍ଚ ରୁବିଲତା ସାହୁ, ବରିଷ୍ଠ ନେତା କିଶୋର ପଲେଇ, ବ୍ଲକ ଯୁବ ସଭାପତି ଦୟାନିଧି ସାହୁ, ନିର୍ବାଚନ ମଣ୍ଡଳୀ ସଭାପତି ଭିକାରୀ ପାଣ୍ଡି, ଯୁବ ନେତା ବୁଲୁ ତରେଇ, ରତ୍ନାକର ସାହୁ, ପଥରା ସରପଞ୍ଚ ପିଙ୍କି ବେହେରା, ପୂର୍ବତନ ସରପଞ୍ଚ ବନମାଳି ବାଲା, କୈରାଶି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁଙ୍କ ସମେତ ୧୩ ନମ୍ବର ଜୋନର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର


ନିର୍ବାଚନ ପ୍ରଚାରରେ ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ।

ଆସିକା,୨୪।୦୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ବିଜେଡି ପ୍ରାର୍ଥୀ ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ପ୍ରଚାର ଅଭିଯାନର ଦ୍ୱିତୀୟ ଦିବସରେ ଖାରିଆ ଗ୍ରାମପଞ୍ଚାୟତରେ ନିର୍ବାଚନ ପ୍ରଚାର କରାଯାଇଥିଲା। ଖାରିଆ ପଞ୍ଚାୟତର କୋଟିନଡ଼ା, ପଣ୍ଡାକଲୋନୀ, ଘଟକୁରୀ, ଖାରିଆ, ହୁମୁକି, ଢୁଙ୍କୁଣି, ସାହାପୁର ଓ ସନ୍ଧିନୂଆପଲ୍ଲୀ ଗ୍ରାମରେ କର୍ମୀଙ୍କ ଗହଣରେ ବିଧାୟିକା ଘରକୁ ଘର ବୁଲି ଦଳର ଆସିକା ଏମ୍‌ପି. ପ୍ରାର୍ଥିନୀ ରଞ୍ଜିତା ସାହୁ ଓ ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କୁ ବିପୁଳ ଭୋଟରେ ବିଜୟ କରିବାକୁ ନିବେଦନ କରିଥିଲେ । ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଭବାନୀ ଶଙ୍କର ମଲିକ, ଭଗବାନ ସାହୁ, ଶିବ ନାହାକ, ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ମନୋଜ ଦୋରା, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ଅଜିତ କୁମାର ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# ଆମ ସଂସ୍କୃତି, ଆମ ଖେଳନା କର୍ମଶାଳା ଉଦ୍‌ଯାପିତ

ଭଞ୍ଜନଗର,୨୪।୪(ବାବୁଲା ପ୍ରଧାନ)



ଶିକ୍ଷକ ରାଜେଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଞ୍ଜନଗର ବ୍ଲକ ବଡକୋଦଣ୍ଡା ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ "ଆମ ସଂସ୍କୃତି ଆମ ଖେଳନା କର୍ମଶାଳା-୨୦୨୪" ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବଡକୋଦଣ୍ଡା ଓ ଲାଲସିଂ କ୍ଲଷ୍ଟରର ମିଳିତ ସହଯୋଗରେ ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଚାଲିଥିଲା। ବଡକୋଦଣ୍ଡା କ୍ଲଷ୍ଟର ସିଆରସିସି ମୋହନ ସାହୁ ଓ ଲାଲସିଂ କ୍ଲଷ୍ଟର ସିଆରସିସି ଦ୍ୱିତୀକୃଷ୍ଣ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଏବିଇଓ ତଥା ଓଡ଼ିଶା ଅଲଷ୍ଟା ସଂଘ ର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଭାସ୍କର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ତ୍ରିନାଥ ବେହେରା, ବିରିପଦର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ରାଜେଶ କୁମାର ପ୍ରଧାନ, ବଡକୋଦଣ୍ଡା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା ଏବଂ ଗଣେଶ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ଉତ୍କଳୀୟ ହସ୍ତକଳା ଓ ଲୋକକଳାର ବିକାଶ ଦିଗରେ ଉଦ୍ୟମ ଜାରି ରଖିଥିବା ହେତୁ ଶିଳ୍ପୀ ସୁରେନ୍ଦ୍ର ପ୍ରଧାନ, ସୁଶାନ୍ତ ସ୍ୱାଇଁ, ମିଟୁ କୁମାର ଜେନା, ସନ୍ତୋଷ ବିଷୋୟୀ ଏବଂ ଅଶୋକ କୁମାର ଭୂୟାଁ ଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ସମସ୍ୟା ସୁଧୁରିଲା ନାହିଁ, ଭୋଟ ବର୍ଜନ କରିବେ ଗ୍ରାମବାସୀ

ମୋହନା,୨୪।୪(ମନ୍ମଥ ମିଶ୍ର)


ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ।

ସରକାରଙ୍କୁ ଆମର ଗୋଟିଏ ପ୍ରଶ୍ନ, ଭୋଟ ଦେଇ ଆମର କଣ ଲାଭ ହେଇଛି, ସରକାରଙ୍କୁ ଆମେ ଭୋଟ ପରେ ଭୋଟ ଦେଇ ଆସୁଛୁ । ହେଲେ ଆଜି ଯାଏଁ ଗାଁକୁ ଆମର ଭଲ ରାସ୍ତାଟିଏ ନାହିଁ କି ଭଲ ପିଇବା ପାଣି ନାହିଁ । ତେଣୁ ଚଳିତ ନିର୍ବାଚନରେ ଆମେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ପଞ୍ଚାୟତ ବାଚାମା ଗ୍ରାମବାସୀ କହିଛନ୍ତି । ଗାଁରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଗାଁକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଫଳରେ ଦୈନିକ ପିଲାଙ୍କ ପାଠପଢ଼ା, ହାଟ ବଜାର, ପଞ୍ଚାୟତ ଓ ମେଡିକାଲ ସମେତ ସମସ୍ତ କ୍ଷେତ୍ରରେ ଗ୍ରାମବାସୀଙ୍କୁ ଏହି ମାଟି ରାସ୍ତା ଉପରେ ନିର୍ଭର କରି ନାହିଁ ନ ଥିବା ହଇରାଣ ହେଉଛନ୍ତି । ଅନ୍ୟପଟେ ଖରା ଦିନରେ ଗାଁରେ ଥିବା ନଳକୂପରୁ ପାଣି ବାହାରୁ ନଥିବାରୁ ଗାଁ ଠାରୁ ପ୍ରାୟ ୪ କିଲୋମିଟର ଦୂରରେ ଥିବା କୁଅର ଗୋଳିଆ ପାଣି ପିଇ ତୃଷା ମେଣ୍ଟାଉଛନ୍ତି ଗ୍ରାମବାସୀ। ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିବା ସହ ନିର୍ବାଚନ ସମୟର ଗାଁକୁ ନେତା ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଆଜି ଯାଏ ତାର ସମସ୍ୟା ସମାଧାନ ହୋଇପାରି ନାହିଁ । ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଏହି ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତି ନେବା ସହ ଗାଁ ଦାଣ୍ଡରେ ପୋଷ୍ଟର ମାରିଛନ୍ତି । ଏପରିକି ଭୋଟ ମାଗିବାକୁ କୌଣସି ନେତା ଆସିଲେ, ଗାଁକୁ ପୁରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ସଂକ୍ଷେପରେ

### ତାଲାବନ୍ଦ ଘରୁ ସୁନାଗହଣା ଚୋରି ,୨ ଗିରଫ

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ): ଓମ୍ ବିହାର ୯ମ ଲାଇନର ଏକ ତାଲାବନ୍ଦ ଘରୁ ଗତ ୧୪ ତାରିଖରେ ସୁନାଗହଣା ଚୋରି ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ୨ ଲୁଟେରାଙ୍କୁ ବୁଧବାର ଧରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲ୍ଲୁରୁ ଥାନା ଗାନ୍ଧୀନଗରର ସିଏଚ କ୍ରିଷ୍ଣାରେଡ୍ଡି ଓ ଜି. ପ୍ରଭୁ। ସେମାନଙ୍କ ନିକଟରୁ ପୋଲିସ ଚୋରି ସୁନା,ରୂପା ଅଳଙ୍କାର ଓ ଲାପଟପ ଜବତ କରିଛି। ମାମଲା ନଂ. ୧୧୧/୨୪ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୋସାଣୀନୂଆଗାଁ ଥାନା ଓମ ବିହାରରେ ଗୀତାଞ୍ଜଳି ରାଉତ ଓ ତାଙ୍କ ପରିବାର ରୁହନ୍ତି। ଗତ ୧୪ତାରିଖରେ ସେମାନେ ଘରେ ତାଲା ପକାଇ ଆଙ୍କଶପୁର ମେରୁଯାତ୍ରାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବାରେ ଘରର ତାଲା ଭଙ୍ଗାଯାଇଥିବା ଓ ଆଲମୀରାରୁ ସୁନା ଅଳଙ୍କାର,, କିଛି ଟଙ୍କା ଓ ଲାପଟପ ଚୋରି ହୋଇଥିବା ଜଣାପଡିଥିଲା।

### ୬ଷ୍ଠ ଦିନରେ ୧୧ ନାମାଙ୍କନ ଦାଖଲ

ବ୍ରହ୍ମପୁର,୨୪।୪(ସ୍ମୃତି ରଞ୍ଜନ ମହାଲିକ) ପ୍ରାର୍ଥିପତ୍ର ଦାଖଲର ୬ଷ୍ଠ ଦିନରେ ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୧ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଗୋପାଳପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଶ୍ୟାମ ସୁନ୍ଦର ସାହୁ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ପି. ତୁଳେସେୟା ରେଡି ଓ ସନ୍ତୋଷ କୁମାର ଦାଶ ଏବଂ ଆମ ଆଦମୀ ପାର୍ଟି ପକ୍ଷରୁ ପି. ନୀଳକଣ୍ଠ ରେଡି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଦିଗପହଣ୍ଡି ବିଧାନସଭା ଆସନ ପାଇଁ ଆମ ଆଦମୀ ପାର୍ଟି ପକ୍ଷରୁ ପି. ମନୋଜ କୁମାର, ସ୍ୱାଧୀନ ପ୍ରାର୍ଥୀ କାହ୍ନୁ ପାତ୍ର, କଂଗ୍ରେସ ପ୍ରାର୍ଥୀ ଶ୍ରୀଧର ଦେବ ଓ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ପିଣ୍ଟୁ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚିକିଟି ବିଧାନସଭା ଆସନ ପାଇଁ କଂଗ୍ରେସର ରବୀନ୍ଦ୍ର ଦ୍ୟାନ ସାମନ୍ତରା ଓ ଶଙ୍କର ଅଧିକାରୀ, ଆମ ଆଦମୀ ପାର୍ଟିର ଡି. ଶ୍ରୀନିବାସ ରେଡି ନାମାଙ୍କନ ଦାଖଲ କରିଛନ୍ତି।

### ସକାଳେ ତାତି, ସନ୍ଧ୍ୟାରେ ଭିଜେଇଲା

ବ୍ରହ୍ମପୁର,୨୪।୪(ସ୍ମୃତି ରଞ୍ଜନ ମହାଲିକ): କିଛି ଦିନ ହେଲା ବ୍ରହ୍ମପୁରରେ ଅସହ୍ୟ ଗରମ ହେଉଥିଲା। ଆର୍ଦ୍ରତା ଏତେ ବଢ଼ି ଯାଇଥିଲା ଯେ, ଗରମରେ ସିଝିଗଲା ଭଳି ଲାଗୁଥିଲା। ବୁଧବାର ପାରଦ ୪୦ ଡିଗ୍ରୀ ଛୁଇଁଥିଲା। ତେବେ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଅସରାଏ ହୋଇଛି। ପୁରା ସହର ବର୍ଷାରେ ଭିଜିଯାଇଛି। ସନ୍ଧ୍ୟା ପ୍ରାୟ ୫ଟାରେ ଧିରେ ଧିରେ ପବନର ବେଗ ବୃଦ୍ଧି ପାଇବା ସହ ଘଡଘଡି ମାରିଥିଲା। ପରେ ଆରମ୍ଭ ହୋଇଯାଇଥିଲା ବର୍ଷା। ପ୍ରାୟ ଦୁଇ ଘଣ୍ଟା କାଳ ବର୍ଷା ହୋଇଥିଲା। ଅନେକ ଦିନ ହେଲା ଗରମରେ ଆଉଟୁପାଉଟୁ ହେଉଥିବା ଲୋକେ ଆଶ୍ୱସ୍ତ ଲାଭ କରିଛନ୍ତି। ବର୍ଷାର ପ୍ରକୋପ ଜୋର ନଥିଲେ ବି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଅନେକ ଲୋକେ ବର୍ଷାରେ ଭିଜୁଥିବା ବି ଦେଖିବାକୁ ମିଳିଥିଲା। ବର୍ଷା ପରେ ସନ୍ଧ୍ୟାରେ ତାପମାତ୍ରା ୩୧ ଡିଗ୍ରୀକୁ ଖସି ଆସିଥିଲା। ତେବେ କାଳବୈଶାଖୀରେ ସେଭଳି ସହରରେ କିଛି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ।

# ଦଳଡିଆଁ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ

ବ୍ରହ୍ମପୁର,୨୪।୪(ଅଶୋକ କୁମାର ସାହୁ): ଟିକେଟ ଲବିରେ ଥିବା ଆଶାୟୀଙ୍କ ଆଉ ଧୈର୍ଯ୍ୟ ନାହିଁ। ପ୍ରଭାବୀ ଦଳ ଉପରେ ଏବେ ସେମାନଙ୍କ ନଜର ରହୁଛି। ଯେଉଁ ପ୍ରଭାବଶାଳୀ ନେତା ପ୍ରଲୋଭିତ କଲେ ସେମାନଙ୍କ ଦଳକୁ ସମର୍ଥକଙ୍କ ସହ ଲମ୍ଫ ପ୍ରଦାନ କରୁଛନ୍ତି। ତେବେ ଦଳଗୁଡିକ ମଧ୍ୟରେ କର୍ମୀ ଓ ନେତାଙ୍କୁ ଟାଣିବାକୁ ଏଭଳି ପ୍ରତିଯୋଗିତା ଲାଗିଛି ଯେ ଗଞ୍ଜାମ ଜିଲାରେ ଏହା ରୋଚକ ସ୍ଥିତିରେ ପହଞ୍ଚିଛି। ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ନୁହେଁ, ବରଂ ଦଳ ଓ ନେତାଙ୍କୁ ଦେଖି ଭୋଟ ଦେଇଥିବା ଭୋଟରଙ୍କୁ ଏହା ଏକ ଧୋକା ବୋଲି ଚା' ଖଟିରୁ ଆରମ୍ଭ କରି ହାଟରେ ବାଟରେ ଚର୍ଚ୍ଚା ହେଉଛି। ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତରୁ ଏହା ସ୍ପଷ୍ଟ ହୋଇଛି।

ନିର୍ବାଚନ ତାରିଖ ଘୋଷଣା ପରେ ବିଭିନ୍ନ ଦଳରେ ଆଶାୟୀମାନେ ଟିକେଟ ଲବିରେ ଥିଲେ। ହେଲେ ଟିକେଟ ନ ମିଳିବା ପରେ ସେମାନଙ୍କ ଆଉ ଧୈର୍ଯ୍ୟ ରହିଲା ନାହିଁ। ପରେ ଆରମ୍ଭ ହୋଇଥିଲା ଦଳଡିଆଁ ପର୍ବ। ବିଭିନ୍ନ ଦଳର ପ୍ରାର୍ଥୀମାନେ ବିରୋଧୀ ଦଳର କର୍ମୀ ଓ ନେତାଙ୍କୁ ନିଜ ଦଳକୁ ଆଣିବାରେ ପ୍ରତିଯୋଗିତା କରୁଥିବା ସୋସିଆଲ ମିଡିଆରୁ ଜଣାପଡୁଛି। ଲଗାତର ଭାବେ ବିଭିନ୍ନ ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକରେ ଏହାର ଚିତ୍ର ସ୍ପଷ୍ଟ ହେଉଛି। କେତେଜଣ ଆଶାୟୀ ଅନ୍ୟ ଦଳରୁ ଟିକେଟ ପାଉଥିବାବେଳେ ଆଉ କେତେଜଣ କୌଣସି ଦଳରେ ନ ମିଶି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା କାହାକୁ ଅଛପା ନୁହେଁ। ବିଶେଷ କରି ବିଭିନ୍ନ ଦଳର ନେତା ଓ ଆଶାୟୀମାନେ ସୋସିଆଲ ମିଡିଆକୁ ଏକ ବିକଳ୍ପ ବୋଲି ଧରି ନେଇଛନ୍ତି। ବାରମ୍ବାର ଏଭଳି ଖବର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। ଯାହାକି ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବରଂ ସ୍ୱାର୍ଥ ହାସଲ ପାଇଁ ଭୋଟରଙ୍କୁ ଧୋକା ବୋଲି ରାଜନୈତିକ ସମୀକ୍ଷକ ମାନଙ୍କ ମତରୁ ଜଣାପଡିଛି।

## ଆମେ ଭେଟିଥିଲୁ .............



ପ୍ରକୃତ ପକ୍ଷେ କ୍ଷମତା ତଥା ସ୍ୱାର୍ଥ ହାସଲ ପାଇଁ ଏହି ପ୍ରତିଯୋଗିତା ଚାଲିଛି। ଏହାର କିଛି ନୀତି ଆଦର୍ଶ ନାହିଁ। ଆଜିକାଲି ବ୍ୟକ୍ତିଗତ ସ୍ୱାର୍ଥ ଉପରେ ରାଜନୀତି ଆଧାରିତ ହୋଇପଡ଼ିଛି। ଏହା ଏକ ଘୃଣ୍ୟ କାର୍ଯ୍ୟ ହୋଇଥିବାବେଳେ ଦଳଡିଆଁକୁ ମିଶ୍ରଣ ପର୍ବ ବୋଲି ଦଳଗୁଡିକ ପକ୍ଷରୁ ଉତ୍ସାହିତ କରାଯାଇ ସମାଜରେ ଏହାକୁ ଭଲ ଧାରଣା ଦିଆଯାଉଛି। ନିର୍ବାଚନ ଜିତିବା ପାଇଁ ଦଳଗୁଡିକ ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ଅନ୍ୟଦଳର କ୍ଷମତା ଲୋଭିଙ୍କୁ ଅଣାଯାଉଛି। ରାଜ୍ୟ, ଜିଲା ଓ ଆଞ୍ଚଳିକ ସ୍ତରରେ ଏହା ଚାଲିଛି। ଗଣତନ୍ତ୍ର ପାଇଁ ଏହା ଶୁଭ ସଂକେତ ନୁହେଁ। ଏହା କେବଳ ଦଳ ପାଇଁ ନୁହେଁ ଯେଉଁମାନେ ଦଳକୁ ଭୋଟ ଦେଇଛନ୍ତି ସେମାନଙ୍କ ପାଇଁ ଏକ ବଡ ଧୋକା।

**ଭାଲଚନ୍ଦ୍ର ଷଡଙ୍ଗୀ, ସ୍ତମ୍ଭକାର**



ବାଜାବାଜଣା କରି ନେତା ନାମାଙ୍କନ ଦାଖଲ କରୁଛନ୍ତି। ସାଧାରଣ ଲୋକଙ୍କୁ ବି ଏଥିରେ ସାମିଲ କରାଯାଉଛି। ଅନେକ ଦଳର ଲୋକଙ୍କୁ ନିଜ ଦଳକୁ ଟାଣି ଆଣି ଶକ୍ତି ପ୍ରଦର୍ଶନ କରାଯାଉଛି। ଏହା ଗଣତନ୍ତ୍ର ପ୍ରତି ଶୁଭଦାୟକ ନୁହେଁ। ବରଂ ସ୍ୱାର୍ଥ ହାସଲ ପାଇଁ ଏହା ଏକ ନିରାପଦ ରାସ୍ତା।

**ରାଜେନ୍ଦ୍ର କୁମାର ପଣ୍ଡା, ସଭାପତି ଗଞ୍ଜାମ ଜିଲା ବିକାଶ ମଞ୍ଚ**

ପୂର୍ବରୁ ନିର୍ବାଚନଗୁଡିକରେ ଏଭଳି ହେଉ ନ ଥିଲା। ଏବେ ଅନ୍ୟଦଳରୁ ନେତା ଓ କର୍ମୀ ନିଜ ସ୍ୱାର୍ଥ ପାଇଁ ଏଭଳି କରୁଛନ୍ତି। ଦଳଗୁଡିକ ପକ୍ଷରୁ ଏନେଇ ଏକ ପ୍ରତିଯୋଗିତା ଚାଲିଛି। ଗଣତନ୍ତ୍ର ପାଇଁ ଏହା ହାନିକାରକ।



**ଶ୍ୟାମ ସୁନ୍ଦର ଖାଡଙ୍ଗା, ସମ୍ପାଦକ,ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ**



ସ୍ୱାର୍ଥ ହାସଲ ପାଇଁ ନେତା ଓ କର୍ମୀ ଏବେ ଦଳଡିଆଁକୁ ଆପଣେଇଛନ୍ତି। ଏହାକୁ ବିଭିନ୍ନ ଦଳ ଗ୍ରହଣ କରୁଛନ୍ତି। ବିରୋଧୀ ଓ ସମର୍ଥକ ବୋଲି ନିର୍ବାଚନରେ କିଛି ରହୁନାହିଁ। ରାଜନୀତି ସବୁ ସମ୍ଭବ। ତଥାପି ଏହା ଭୋଟରଙ୍କ ପାଇଁ ଶୁଭ ନୁହେଁ।

**ପ୍ରଦୀପ କୁମାର ପଣ୍ଡା, ବ୍ୟବସାୟୀ**

## ଗୋଦାମରୁ ୧୬ଲକ୍ଷ ଟଙ୍କାର ସାମଗ୍ରୀ ଗାଏବ

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ): ସ୍ଥାନୀୟ ଶାସ୍ତ୍ରୀ ନଗରର ଏକ ଗୋଦାମରୁ ୧୬ଲକ୍ଷ ଟଙ୍କାର ସାମଗ୍ରୀ ଗାଏବ ହୋଇଯାଇଥିବା ବଡବଜାର ଥାନାରେ ଅଭିଯୋଗ ହୋଇଛି। ଗୋଦାମର ୨ କର୍ମଚାରୀଙ୍କ ଏଥିରେ ହାତ ଥିବା ଉଷା ଏଜେନ୍ସିର ମାଲିକ ଉଷା ସାହୁ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଉକ୍ତ ଗୋଦାମରେ ପାଇପ ସାମଗ୍ରୀ ମହଜୁଦ ରହିଛି। ୫ ଜଣ କର୍ମଚାରୀ ସେଠାରେ କାମ କରନ୍ତି। ବିଭିନ୍ନ ଦୋକାନକୁ ସେଠାରୁ ସାମଗ୍ରୀ ବିକ୍ରି କରାଯାଇଥିଲା। ଗତ ୧୬ତାରିଖରେ ଗୋଦାମରେ ଥିବା ଷ୍ଟକ ହିସାବ କରାଯିବା ବେଳେ ୧୬ ଲକ୍ଷ ଟଙ୍କାର ହିସାବ ନ ମିଳିବାରୁ କର୍ମଚାରୀଙ୍କୁ ପଚରାଉଚରା କରାଯାଇଥିଲା। ଗୋଦାମ ସାମଗ୍ରୀର ଷ୍ଟକ ହିସାବ ରଖୁଥିବା ୨ ଜଣ କର୍ମଚାରୀ ତାହା ଆତ୍ମସାତ କରିଥିବା ସ୍ୱୀକାର କରିଥିଲେ। ପରେ ସେମାନେ ଆଉ ଗୋଦାମକୁ ଆସିଲେ ନାହିଁ କି ଫୋନ ଉଠାଇ ଥିବା ଉଷା ଏତଲାରେ ଦର୍ଶାଇଛନ୍ତି।

# ଗଜପତିନଗର ଶିଶୁ ବିଦ୍ୟାମନ୍ଦିରର ସେବାକାର୍ଯ୍ୟ

ବ୍ରହ୍ମପୁର,୨୪।୪(ଅଶୋକ କୁମାର ସାହୁ): ସ୍ଥାନୀୟ ଗଜପତି ନଗର ଛକରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ବୁଧବାର ପଣା ବଣ୍ଟନ କରାଯାଇଛି। ବିଦ୍ୟାଳୟର ସଭାପତି ରାମପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯାତ୍ରୀ ଓ ପଥଚାରୀଙ୍କୁ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ଏହି ପଦକ୍ଷେପ ନିଆଯାଇଛି। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ଗୌଡ କାର୍ଯକ୍ରମ ସଂଯୋଜନା କରିଥିଲେ। ଏନସିସି ଓ ସ୍କାଉଟଗାଇଡ, ଆଚାର୍ଯ୍ୟ ଗୌର ନାହାକ, ଦୀପକ ସାହୁ, ହରେକୃଷ୍ଣ ପଣ୍ଡା, ବସନ୍ତ ନାୟକ, ଶ୍ରୀକାନ୍ତ କର, ସେବକ ପ୍ରଫୁଲ୍ଲ ରାଉତ, ରିତେଶ ମଣ୍ଡଳ ଓ ଆଚାର୍ଯ୍ୟା ମମତା ପାତ୍ର, ପ୍ରଭାସିନୀ ପାଢ଼ୀ,ସବିତା ମହାପାତ୍ର,ବବିତା ସାବତ ପ୍ରମୁଖ ସହଯୋଗ କରିଥିଲେ।




ସରସ୍ୱତୀ ଶିଶୁ ମନ୍ଦିର କର୍ତ୍ତୃପକ୍ଷ ଓ ଛାତ୍ରୀମାନେ।

## ନବୀନଙ୍କୁ ଭେଟିଲେନି ଚ୍ୟାଉ ପଟ୍ଟନାୟକ

ବ୍ରହ୍ମପୁର,୨୪।୪(ନରସିଂହ ସାହୁ) ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ହିଞ୍ଜିଳି ଓ ଶେରଗଡ଼କୁ ନିର୍ବାଚନୀ ପ୍ରଚାର ପାଇଁ ଆସିଥିଲେ। ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ତାଙ୍କୁ ଭେଟି ନାହାନ୍ତି। ଚ୍ୟାଉବାବୁ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ହୋଇଥିବାରୁ ସେ ନାମାଙ୍କନ ପତ୍ର ଦାଖଲ ପାଇଁ ଛତ୍ରପୁର ପଳାଇଥିଲେ। ତେଣୁ ବ୍ୟତିକ୍ରମ ଘଟିଥିଲା। ଅନ୍ୟପକ୍ଷରେ ଜିଲାରେ ୧୩ ବିଧାନସଭା କ୍ଷେତ୍ର ରହିଛି। ସବୁଠି ବିଜେଡି ପ୍ରାର୍ଥୀ ଦେଇଛି। ଚ୍ୟାଉ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ କୁଆଡ଼େ ଯାଇପାରୁନାହାନ୍ତି। ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନ ବେଳେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜିଲା ବିଜେଡି ସଭାପତି ଥିଲେ। ସେ ନିର୍ବାଚନୀ କାର୍ଯ୍ୟରେ ବୁଲୁଥିଲେ। ବର୍ତ୍ତମାନ ବ୍ରହ୍ମପୁରରେ ଶଙ୍ଖ ଓ ପଦ୍ମ ମଧ୍ୟରେ କଡ଼ା ଟକ୍କର ଚାଲିଛି। ତେଣୁ ବିଜେଡି ଜିଲା ସଭାପତି ବାନ୍ଧି ହୋଇ ରହିଛନ୍ତି।

# ଦୁଇ ଯୁବକଙ୍କୁ ୩୦ବର୍ଷ ଜେଲ

## ନାବାଳିକା ଗଣବଳାତ୍କାର ମାମଲା

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଗତବର୍ଷ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ୧୫ ମାସ ପରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବୁଧବାର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ୨ ଅଭିଯୁକ୍ତ ଭଞ୍ଜନଗର ଥାନା ଅଞ୍ଚଳର କନ୍ଧ ଗୌଡ଼(୨୩) ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୁନିଆ(୨୯)ଙ୍କୁ ୩୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୨ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବ(ଡିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତା ଓ ୨ ଦୋଷୀଙ୍କ ଡିଏନ୍‌ଏ ଟେଷ୍ଟ ପାଇଁ ପୋଲିସ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଛି।

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକା ଜଣଙ୍କ ତାଙ୍କ ବଡ଼ବାପାଙ୍କ ଘରେ ରହୁଥିଲେ। ୨୦୨୩ ଜାନୁଆରୀ ୧୯ ତାରିଖ ଅପରାହ୍ନରେ ବଡ଼ବାପା ତାଙ୍କୁ ଗାଁମୁଣ୍ଡରେ ଥିବା ଖଳାକୁ ଯାଇ ଧାନଗଦାରେ ପାଳ ଘୋଡାଇବାକୁ କହିଥିଲେ। ନାବାଳିକା ସାଇକେଲରେ ଖଳାକୁ ଯାଇଥିଲେ। ଏକାକୀ ଦେଖି କନ୍ଧ ଓ ପୁନିଆ ତାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏ କଥା କାହାରିକୁ ନ କହିବାକୁ ଧମକ ଦେଇଥିଲେ। ପୀଡ଼ିତା ଜଣଙ୍କ ଘରକୁ ଆସିବା ପରେ ବଡ଼ବାପାଙ୍କୁ ଏହା କହିବା ସହ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ବୟାନ ଅନୁସାରେ ପୋଲିସ ନଂ.୫୭/୨୩ରେ ଗଣ ବଳାତ୍କାର ମାମଲା ରୁଜୁ କରିଥିଲା। ତଦନ୍ତ ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଧୀରେଶ କୁମାର ଦାଶ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲାରେ ୧୪.୨୫ ଲକ୍ଷ ମହିଳା ଭୋଟର

## ମହିଳା ଭୋଟରଙ୍କୁ ନବୀନଙ୍କ ଗୁରୁତ୍ୱ

ବ୍ରହ୍ମପୁର,୨୪।୪(ନରସିଂହ ସାହୁ) ଆସନ୍ତା ମେ ୧୩ ତାରିଖରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ। ତେଣୁ ଗଞ୍ଜାମ ଜିଲା ରାଜନୀତି ଉଷ୍ମ ହୋଇଛି। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ୭ ବିଧାନସଭା ସେଗମେଣ୍ଟରେ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଚାଲିଛି। ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ହେବ। ଚଳିତ ସାଧାରଣ ନିର୍ବାଚନ ପାଇଁ ଗଞ୍ଜାମ ଜିଲାରେ ପ୍ରାୟ ୨୯.୪୬ ଲକ୍ଷ ମତଦାତା ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ମହିଳା ଭୋଟର ଅଛନ୍ତି ୧୪ ଲକ୍ଷ ୨୫ ହଜାର ୬୧୪। ବୁଧବାର ବିଜେଡି ସଭାପତି ତଥା ହେଭିୱେଟ ନବୀନ ପଟ୍ଟନାୟକ ଏହି ଜିଲାରୁ ଯୋଡିଶଙ୍ଖ ଫୁଙ୍କି ପ୍ରଚାର ଆରମ୍ଭ କରିଛନ୍ତି।

ଜିଲାରେ ୬୭ ବର୍ଷ ତଳେ ଅର୍ଥାତ୍ ୧୯୫୭ ନିର୍ବାଚନ ବେଳେ ଗଠନ ହୋଇଥିବା ହିଞ୍ଜିଳି ବିଧାନସଭା କ୍ଷେତ୍ରର ଦୁଇ ସ୍ଥାନରେ ଆୟୋଜିତ ଜନ ସମାବେଶକୁ ସମ୍ବୋଧିତ ବେଳେ ନବୀନ ପୁଣି ମହିଳା କାର୍ଡ ଖେଳିଛନ୍ତି। ଦେଶରେ ରାଜ୍ୟର ମିଶନ ଶକ୍ତି ଏକ ନମ୍ବର ବୋଲି ଦର୍ଶାଇ ସେମାନଙ୍କ ଭୋଟ ଉପରେ ଗୁରୁତ୍ୱ ଦେଇଥିବା ରାଜନୈତିକ ବିଶ୍ଳେଷକ ମତ ରଖିଛନ୍ତି। ନୂଆ କରି ଯୋଡ଼ିଶଙ୍ଖ ଫୁଙ୍କିବା ଅର୍ଥ ହେଉଛି ଚଳିତ ନିର୍ବାଚନରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଇଦାନରେ ଥିବା ବିଜେଡି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ସେ ଇଶାରା ଦେଇଥିବା ସଚେତନ ମହଲ ଚର୍ଚ୍ଚା କରୁଛନ୍ତି।

କୌଣସି ଦଳ ବା ନେତାଙ୍କ ନାଁ ନ ଧରି ବିରୋଧୀଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲେ ନବୀନ। ଭାଷଣ ପ୍ରସଙ୍ଗରେ ରାଜ୍ୟର ବିକାଶ ଏବଂ ଶ୍ରୀମନ୍ଦିର ଓ ଅନ୍ୟ ଧର୍ମାନୁଷ୍ଠାନ ରୂପାନ୍ତରଣକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କୁ ରାଜ୍ୟବାସୀ ଭଲ ଭାବେ ଚିହ୍ନିଥିବା କଟାକ୍ଷ କରିଥିଲେ। ବିଜେଡିକୁ ସାଢ଼େ ୪ କୋଟି ରାଜ୍ୟବାସୀ ପୁନର୍ବାର ଆଶିର୍ବାଦ ଦେବାର ନବୀର ଗଭୀର ଆଶା ପ୍ରକଟ କରିଥିଲେ।

## ବାଇକ୍ ଚୋରି କରି ୨ ଗିରଫ

ଦିଗପହଣ୍ଡି,୨୪।୪(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ପାର୍କ ନିକଟରୁ ବାଇକ ଚୋରି ଅଭିଯୋଗରେ କେ. ନୂଆଗାଁ ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଧୁରୀ ଟିକରପଡା ଗ୍ରାମର ତାପସ ନାଇକ ଏବଂ ନୂଆପଡା ଗ୍ରାମର ରଞ୍ଜନ ଓରଫ ଚନ୍ଦନ ନାଇକ। ବୁଧବାର ଦୁଇ ଗିରଫ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଥିବା ଜଣାପଡ଼ିଛି। ଗତ ସୋମବାର ସନ୍ଧ୍ୟାରେ ଚୌଧୁରୀ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ବଜ୍ରଗୁମ୍ଫା ଗ୍ରାମର ସୁଶାନ୍ତ କୁମାର ଅଧିକାରୀ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ପାର୍କ ବାହାରେ ନିଜର ବାଇକ (ନଂ. ଓଆର ୧୦ ଏଫ୍ ୫୨୨୩) ରଖି ବୁଲିବାକୁ ଯାଇଥିଲେ। ବୁଲାବୁଲି କରି ଫେରିବା ବେଳକୁ ବାଇକ ଚୋରି ହୋଇଯାଇଥିଲା। ସେ ସାଙ୍ଗସାଥୀଙ୍କ ସହ ମିଶି ଦୁଇ ଯୁବକଙ୍କୁ ପିଛା କରି ସେମାନଙ୍କୁ ଧରି ପୋଲିସକୁ ସୂଚନା ଦେଇଥିଲୋ। ପୋଲିସ ପଚରାଉଚରା କରିବାରୁ ଅଭିଯୁକ୍ତମାନେ ଚୋରି ଘଟଣାକୁ ସ୍ୱୀକାର କରିଥିଲେ। ପୋଲିସ ନଂ. ୧୪୦/୨୪ରେ ମାମଲା ରୁଜୁକରିଛି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

ଗୋପାଳପୁର,୨୪।୪ (ନବୀନ ରାଜ ଆଚାରୀ) ଗତ ୧୭ ତାରିଖରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଦାସପୁର ଛକରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରୁ ଗୋଳନ୍ଥରା ଗ୍ରାମର ନିରାକାର ଦାସ ଓ ସୟନ ଦାସଙ୍କ ମୃତ୍ୟୁ ହୋଇଥିଲା। ସନ୍ତୋଷ ଦାସ ଆହତ ହୋଇଥିଲେ। ବୁଧବାର ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣେଇବା ସହ ୧ ଲକ୍ଷ ଲେଖାଏ ଦୁଇ ମୃତକ ପରିବାରକୁ ପ୍ରଦାନ କରିବା ସହ ଆହତ ସନ୍ତୋଷ ଦାସଙ୍କୁ ୨୦ ହାଜର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥି ସହ ଆଗାମୀ ଦିନରେ ସେମାନଙ୍କ ପିଲାଙ୍କ ପାଠ ପଢା ଦାୟିତ୍ୱ ନେବା ସହ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ କରେଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ସଭାପତି ଅଜିତ କୁମାର ଦାଶ, ଜିଲା ପରିଷଦ ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଯୁବ ସମାଜସେବୀ ଏ. ସନ୍ତୋଷ ପାତ୍ର, ଯୁବନେତା ସୁଭାଶିଷ ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ସି. ଏଚ ନରେଶ, ସମିତି ସଭ୍ୟ ଆଶିଷ ରାଉଳ, ସନ୍ତୋଷ ପ୍ରଧାନ ଡି. ଶୋଭା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଓକିଲ ସଂଘ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୨୪।୪ (ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଓକିଲ ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ନୟନ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ରାମପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଓ ସହ ସମ୍ପାଦକ ଗିରିଜା ଶଙ୍କର ବେହେରା, କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ କୁମାର ପାତ୍ର, ପ୍ରଭାତ କୁମାର ପାତ୍ର, ମନୋଜ ନାୟକ, ପ୍ରଭାତ କୁମାର ନାୟକ, ନିରଞ୍ଜନ ବେହେରା, ରାଜେଶ କୁମାର ରାଉଳ, ମିରାବାଇ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଉପଦେଷ୍ଟା ଭାବେ ଶିଶିର କୁମାର ପାଢୀ, କୃଷ୍ଣ ଚନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲୟର୍ସ ଡେ' କିଭଳି ପାଳନ କରାଯିବ ସେଥି ନେଇ ଆଲୋଚନା ହୋଇଥିଲା । ସେହିପରି ଜିଲା କୋର୍ଟ ପରିସରରେ ହିଁ ଜୁଡିସିଆଲ କଂପ୍ଲେକ୍ସ କୋଠା ନିର୍ମାଣ କରାଯିବାକୁ ସଂଘ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟପକ୍ଷରେ ରାଜ୍ୟ ବାର କାଉନସିଲର ପ୍ରସ୍ତାବ ଅନୁସାରେ ୨ ବର୍ଷକୁ ଥରେ ଓକିଲ ସଂଘ ନିର୍ବାଚନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଗଞ୍ଜାମ ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଏ ନେଇ ଆଲୋଚନା ଓ ପ୍ରସ୍ତାବ ଦିଆଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି ।

# ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଧରିତ୍ରୀ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୪।୪(ସ୍ମୃତି ରଞ୍ଜନ ମହାଲିକ) ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଫାଉଣ୍ଡେସନର ସୁଧୀର ରାଉତଙ୍କ ସମେତ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସବିତା ସାହୁକାର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ପ୍ଲାଷ୍ଟିକର ଆବିଷ୍କାର ମଣିଷ ପାଇଁ ଅନନ୍ୟ ଥିଲା। ମଣିଷ ପାଇଁ ଏହା ଉପକାରରେ ଆସୁଛି ସତ, କିନ୍ତୁ ଏହାର ବ୍ୟାପକ ଅନିୟନ୍ତ୍ରିତ ବ୍ୟବହାର ମଣିଷର ଜୀବନ ଶୈଳୀକୁ ପ୍ରଭାବିତ କରିଛି। ପରିବେଶ ଉପରେ ଏହା କୁପ୍ରଭାବ ପକାଉଛି। ସେଥିପାଇଁ ଏହି ବର୍ଷର ଧରିତ୍ରୀ ଦିବସର ଗ୍ରହ ବନାମ ପ୍ଲାଷ୍ଟିକ ବୋଲି ରଖା ଯାଇଥିବା ଉପସ୍ଥିତ ବକ୍ତାମାନେ କହିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ କରିବା ସହ ଅନ୍ୟମାନଙ୍କୁ ପରାମର୍ଶ ଦେବାକୁ ଶପଥ ନେଇଥିଲେ। ଉକ୍ତ ଫାଉଣ୍ଡେସନ ୨୦୦୮ରୁ ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରି ଆସୁଛି। ସୁଶାନ୍ତ ମହାନ୍ତି, ବାସୁଦେବ ସାହୁକାର, ଶୁଭେନ୍ଦୁ ପାତ୍ର ଓ ଭୀମରାଜୁ ପାତ୍ର ପ୍ରମୁଖ କାର୍ଯକ୍ରମରେ ଉପସ୍ଥିତ ଥିଲେ।

# କାଳବୈଶାଖୀ ପାଇଁ ଟିପିଏସ୍‌ଓଡିଏଲର ପ୍ରସ୍ତୁତି

ବ୍ରହ୍ମପୁର,୨୪।୪(ସ୍ମୃତି ରଞ୍ଜନ ମହାଲିକ) କାଳବୈଶାଖୀକୁ ମୁକାବିଲା କରିବାକୁ ଟିପିଏସଓଡିଏଲ ପଦକ୍ଷେପ ନେଇଛି। ୨୦୨୨-୨୩ରେ ୫୦୪ ଓ ୨୦୨୩-୨୪ରେ ୯୬୬ କାଳବୈଶାଖୀ ହୋଇଛି। କ୍ଷୟକ୍ଷତି କମାଇବା ସହ ତୁରନ୍ତ ବିଦ୍ୟୁତ ପୁନଃ ଯୋଗାଣ ପାଇଁ ଭିତ୍ତିଭୂମିକୁ ଉନ୍ନତ କରିଛି। ଗ୍ରୀଷ୍ମ ପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପଦକ୍ଷେପ ନେଇଛି। ଅପରେଶନାଲ ସାମର୍ଥ୍ୟ ବୃଦ୍ଧି ସହ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ଅଧିକ ସମ୍ବଳ ନିୟୋଜିତ କରିଛି। କାଳବୈଶାଖୀ ସମୟରେ ବିଦ୍ୟୁତ ଯୋଗାଣ ପାଇଁ ଆବଶ୍ୟକ ସରଞ୍ଜାମ ସହ ୫୯୦୦ରୁ ଊର୍ଦ୍ଧ୍ୱ ଗ୍ରାଉଣ୍ଡ ଷ୍ଟାଫ ନିୟୋଜିତ କରାଯାଇଛି। ଜରୁରୀକାଳୀନ ପରିସ୍ଥିତିର ପରିଚାଳନା ପାଇଁ ଅତିରିକ୍ତ ୮୦୦ କର୍ମଚାରୀ ଷ୍ଟାଣ୍ଡ ବାଏ ରହିଛନ୍ତି। ପାହାଡି ତଥା କଷ୍ଟସାଧ୍ୟ ଅଞ୍ଚଳରେ ବିଦ୍ୟୁତ ଉପକରଣ ପହଞ୍ଚାଇବା ପାଇଁ ଓଡ୍ରାଫ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି କାମ କରୁଛି। ଏହା ବାଦ ବ୍ରହ୍ମପୁରରେ ୨୪ ଘଣ୍ଟିଆ ଅତ୍ୟାଧୁନିକ କେନ୍ଦ୍ରୀଭୂତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ କରିଛି। ଏଠାରୁ ବିଦ୍ୟୁତ ଯୋଗାଣକୁ ମନିଟରିଂ କରାଯାଇ ଦକ୍ଷିଣ ଓଡିଶାର ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରୁଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ଓଡିଶାବାସୀଙ୍କ ପାଇଁ କେବଳ ବିଦ୍ୟୁତ ଯୋଗାଣ ନୁହେଁ ବରଂ ସୁରକ୍ଷା ଓ ସୁବିଧା ପାଇଁ କମ୍ପାନୀ ସବୁବେଳେ ସମର୍ପିତ ବୋଲି କୁହାଯାଇଛି।



ଟିପିଏସଓଡିଏଲ ପକ୍ଷରୁ ବିଦ୍ୟୁତ ସେବା ଯୋଗାଣ ପାଇଁ ପ୍ରସ୍ତୁତି ଚାଲିଛି ।

